# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

## ଓଡ଼ିଶା ସରକାର



**ଓଡ଼ିଶାରେ ଥିବା ସମସ୍ତ ଶିଶୁମାନଙ୍କର ଅଧିକାରକୁ ସୁରକ୍ଷିତ କରିବା ପାଇଁ କାର୍ଯ୍ୟରତ ।**



**ଯେକୌଣସି ଦେଶର ସର୍ବପ୍ରଥମ କର୍ତ୍ତବ୍ୟ ହେଲା ଶିଶୁମାନଙ୍କ ପାଇଁ ଆତ୍ମସମ୍ମାନ ସହ ଜୀବନର ଅଧିକାର ନିଶ୍ଚିତ କରିବା ।**

**ପ୍ରତ୍ୟେକ ଶିଶୁର ସୁରକ୍ଷା ଓ ସମ୍ମାନଯୁକ୍ତ ଏକ ସୁଖପ୍ରଦ ଶୈଶବ ହେଉଛି ତାର ଜନ୍ମଗତ ଅଧିକାର । ଭେଦଭାବ ନଥାଇ ବଢ଼ିବା ହେଉଛି ଶିଶୁର ଅନ୍ୟତମ ଅଧିକାର ।**

ଏସବୁ ଅଧିକାର ଭିତରେ ଅଛି - ଏକ ପରିବାର ସହ ଜୀବନର ଅଧିକାର, ସମସ୍ତ ପ୍ରକାର ହିଂସାରୁ ସୁରକ୍ଷା ଅଧିକାର, ସୁସ୍ଥ ରହିବାର ଅଧିକାର, ମତ ଦେବା ଓ ଗୁରୁତ୍ୱ ପାଇବାର ଅଧିକାର ଏବଂ ବ୍ୟକ୍ତି ରୂପେ ବିକଶିତ ହେବା ପାଇଁ ଶିକ୍ଷା ପାଇବାର ଅଧିକାର। ପ୍ରତିକୂଳ ପରିସ୍ଥିତିରେ ବାସ କରୁଥିବା ଆଇନ୍‌ଭଙ୍ଗ ସହିତ ଜଡ଼ିତ ହୋଇଥିବା ତଥା ଯତ୍ନ ଓ ସୁରକ୍ଷା ଦରକାର କରୁଥିବା ଶିଶୁ ମାନଙ୍କୁ ସୁରକ୍ଷା ଦେବା ଦେଶ, ସମାଜ ତଥା ସମସ୍ତ ନାଗରୀକ ମାନଙ୍କର ଦାୟୀତ୍ୱ।

ଭାରତର ସମ୍ବିଧାନରେ ଶିଶୁମାନଙ୍କ ଉପରେ ଉଲ୍ଲେଖ ଅଛି ଯେ ସବୁ ଶିଶୁଙ୍କୁ ସମସ୍ତେ ସବୁଠାରେ ସମଦୃଷ୍ଟିରେ ଦେଖିବା ଦରକାର । କୌଣସି ଶିଶୁ, ଶିଶୁ ଶ୍ରମିକ ରୂପେ କାମ ନ କରି ସ୍କୁଲରେ ନିଜର ଶିକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାର ଅଧିକାର । ଏଥି ସହିତ ଆନ୍ତର୍ଜାତିକ ଚୁକ୍ତି ଗୁଡ଼ିକୁ ମାନିବାର ନିର୍ଦ୍ଦେଶ ମଧ୍ୟ ଅଛି।

୧୯୮୯ରେ ଜାତିସଂଘ କେବଳ ଶିଶୁମାନଙ୍କ ଉପରେ କରିଥିବା ମାନବାଧିକାର ଚୁକ୍ତିକୁ ଶିଶୁ ଅଧିକାର ସନନ୍ଦ (ୟୁଏନ୍‌ସିଆର୍‌ସି) ରୂପେ ପରିଚିତ। ଏଥିରେ ଉଲ୍ଲେଖ ଥିବା ସମସ୍ତ ପ୍ରସ୍ତାବକୁ ସମର୍ଥନ କରିବା ଲାଗି ଭାରତ ୧୯୯୨ ନଭେମ୍ବର ୧୧ରେ ସମ୍ମତି ଜଣାଇଛି । ଶିଶୁ ଅଧିକାର ଏବଂ ସରକାରଙ୍କ ଭୂମିକା ଉପରେ ଏଥିରେ ୫୪ଟି ବିଷୟ ରହିଛି । ଏଥିରେ ଭିନ୍ନକ୍ଷମ ଶିଶୁ, ପ୍ରତିକୂଳ ପରିସ୍ଥିତିରେ ବାସ କରୁଥିବା ଶିଶୁ ଏବଂ ଯତ୍ନ ଓ ସୁରକ୍ଷା ଲୋଡ଼ୁଥିବା ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିକାର ଦିଆଯାଇଛି ।

**ଏହି ଅଧିକାରଗୁଡ଼ିକ ମୁଖ୍ୟତଃ ୪ ପ୍ରକାରର । ଯଥା -**

**(୧) ବଞ୍ଚିବା (୨) ସୁରକ୍ଷା**

**(୩) ବିକାଶ (୪) ସହଭାଗୀତା**

**ଭାରତର ଜଣେ ଶିଶୁ ହିସାବରେ ତୁମର ଏକ ସୁଖମୟ ଶୈଶବ ଏବଂ ସମସ୍ତ ଅଧିକାର ଉପଭୋଗ କରିବାର ଅଧିକାର ରହିଛି । ଏସବୁ ଅଧିକାର ଭିତରେ ଅଛି:**



- ସମସ୍ତ ପ୍ରକାର ହିଂସାରୁ ସୁରକ୍ଷା ପାଇବାର ଅଧିକାର

ତୁମଠାରୁ ବଡ କେହି ବି ତୁମକୁ କୌଣସି କାରଣରୁ ଆଘାତ କରି ପାରିବେ ନାହିଁ। ବାପା ମା' ଯାହାଙ୍କ ସହ ପିଲାମାନେ ନିବିଡ କିମ୍ବା ଶିକ୍ଷକ ମଧ୍ୟ ଶିଶୁମାନଙ୍କୁ ଆଘାତ କରି ପାରିବେ ନାହିଁ। ଦୁର୍ବ୍ୟବହାର, ହିଂସା ଓ ଅବହେଳାରୁ ସୁରକ୍ଷା ଦେବା ସେମାନଙ୍କ ଦାୟିତ୍ୱ।



- ପାରିବାରିକ ଜୀବନର ଅଧିକାର



- ମତ ଦେବା ଓ ତୁମ ମତର ଗୁରୁତ୍ୱ ପାଇବାର ଅଧିକାର



- ସଫଳ ବ୍ୟକ୍ତିତ୍ୱ ଓ ବିକାଶ ପାଇଁ ଶିକ୍ଷା ପାଇବାର ଅଧିକାର



# ଶିଶୁମାନଙ୍କର ଅଧିକାର

୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ତୁମେ ଜଣେ ଶିଶୁ ବୋଲି ଧରାଯିବ ।





୧. ତୁମେ ପୁଅ ହୁଅ ବା ଝିଅ, ଯେଉଁଠି ରହୁଥାଅ, ତୁମ ବାପା ମା' ଯାହା ବି କରୁଥାନ୍ତୁ, ତୁମ ଭାଷା, ଜାତି, ଧର୍ମ, ସଂସ୍କୃତି ଯାହା ବି ହୋଇଥାଉ, ଭିନ୍ନ କ୍ଷମ ହୋଇଥାଅ, ଗରିବ କି ଧନୀ ହୋଇଥାଅ, ସେ ଦୃଷ୍ଟିରୁ ତୁମ ପ୍ରତି ଅବହେଳା କରାଯାଇ ପାରିବ ନାହିଁ ।



୨. ତୁମେମାନେ ଆମ ଦେଶର ଭବିଷ୍ୟତ ନାଗରିକ। ତୁମର ନାମ, ଜନ୍ମ ସମୟରେ ପଂଜୀକରଣ ଓ ଜନ୍ମ ପ୍ରମାଣ ପତ୍ର ତଥା ଜାତୀୟତାର ସ୍ୱୀକୃତି ପାଇବାର ଅଧିକାର ଅଛି।

୩. ତୁମକୁ ନିଜ ଅଧିକାରଗୁଡ଼ିକ ସଂପର୍କରେ ଜାଣିବା ଓ ବ୍ୟବହାର କରିବାରେ ସାହାଯ୍ୟ କରିବା ତୁମ ପରିବାରର ଦାୟିତ୍ୱ।





୪. ତୁମର ଏକ ପରିବାର ସହ ରହିବାର ଅଧିକାର ଅଛି। ବଂଚିବାର, ବାପା ମା'ଙ୍କ ଦ୍ୱାରା ଲାଳନପାଳନ ହେବାର କିମ୍ବା ତୁମ ଦାୟିତ୍ୱ ନେଉଥିବା ପରିବାରରେ ରହିବାର ଅଧିକାର ରହିଛି। କୌଣସି ଅନୁଷ୍ଠାନରେ ରହିବା ଅତ୍ୟନ୍ତ ଆବଶ୍ୟକ ସ୍ଥଳେ ରହିବାର ବ୍ୟବସ୍ଥା ସର୍ବନିମ୍ନ ସମୟ ପାଇଁ କରାଯାଇ ପାରେ।

୫. ଯଦି କୌଣସି କାରଣ ପାଇଁ ତୁମେ ତୁମ ବାପା ମା'ଙ୍କ ପାଖରେ ରହି ପାରୁନାହଁ, ତେବେ ପୌଷ୍ୟ ସନ୍ତାନ ହେବା, ଧର୍ମପିତାମାତା ଗ୍ରହଣ ବା ସେଇ ଭଳି ବିକଳ୍ପ ଯତ୍ନ ଓ ସୁରକ୍ଷା ପାଇବାର ଅଧିକାର ରହିଛି।

୬. ତୁମର ନିଜସ୍ୱ ମତ ଦେବାର ଅଧିକାର ରହିଛି। ବୟସ୍କମାନେ ଏହାକୁ ଶୁଣି ଗୁରୁତ୍ୱ ଦେବା ତାଙ୍କର କର୍ତ୍ତବ୍ୟ ଓ ଦାୟୀତ୍ୱ।

୭. ତୁମକୁ କେହି ବ୍ୟକ୍ତି ଶାରୀରିକ, ମାନସିକ ଆଘାତ, ଦେଇ ପାରିବେ ନାହିଁ। ଘରେ, ଅନୁଷ୍ଠାନ ଭିତରେ ବା ବାହାରେ ଶ୍ରମ ଓ ନିର୍ଯାତନା ତଥା ଦୁର୍ବ୍ୟବହାରରୁ ସୁରକ୍ଷା ପାଇବାର ଅଧିକାର ତୁମର ରହିଛି।

୮. ତୁମର ଖାଦ୍ୟ, ବସ୍ତ୍ର, ରହିବା ପାଇଁ ସୁରକ୍ଷିତ ସ୍ଥାନ ପାଇବାର ଅଧିକାର ରହିଛି। ଆବଶ୍ୟକ ପଡ଼ିଲେ ସରକାରଙ୍କ ସହାୟତାରେ ତୁମେ ତୁମର ଅଧିକାର ନିଶ୍ଚିତ କରି ପାରିବ।





୯. ଯଥା ସମ୍ଭବ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ସେବା, ପିଇବାକୁ ବିଶୁଦ୍ଧ ଜଳ, ପୁଷ୍ଟିକର ଖାଦ୍ୟ, ସ୍ୱଚ୍ଛ ଓ ସୁରକ୍ଷିତ ପରିବେଶ ଏବଂ ସୁସ୍ଥ ରହିବା ପାଇଁ ସୂଚନା ପାଇବାର ଅଧିକାର ।

୧୦. ଉନ୍ନତ ମାନର ଶିକ୍ଷା ପାଇବା ଓ ଯଥାସମ୍ଭବ ଉଚ୍ଚସ୍ତର ପର୍ଯ୍ୟନ୍ତ ପଢ଼ିବାର ଅଧିକାର ।



୧୧. ନିଜ ଭାଷା, ସଂସ୍କୃତି ଓ ଧର୍ମ ସମ୍ବନ୍ଧୀୟ କିମ୍ବା ନିଜ ପସନ୍ଦର ଅନ୍ୟ ଯେ କୌଣସି ପନ୍ଥା ବ୍ୟବହାର କରିବାର ଅଧିକାର ।

୧୨. ଖେଳିବା ସହିତ ବିଶ୍ରାମ, ମନୋରଂଜନ ଓ ସାଂସ୍କୃତିକ କାର୍ଯ୍ୟ କରିବାର ଅଧିକାର ।



୧୩. ଅପହରଣ, କିଣାବିକା କିମ୍ବା ଅନ୍ୟ ଖରାପ ଉଦ୍ଦେଶ୍ୟରେ ଅନ୍ୟ ସ୍ଥାନକୁ ପଠାଯିବା ଭଳି ସବୁ ପ୍ରକାରର ଅପରାଧରୁ ସୁରକ୍ଷା ପାଇବାର ଅଧିକାର ରହିଛି ।

୧୪. ସ୍ୱାସ୍ଥ୍ୟ ପାଇଁ ଖରାପ ଓ ଶିକ୍ଷାରେ ବାଧା ପହଂଚାଉଥିବା କୌଣସି କାର୍ଯ୍ୟରୁ ସୁରକ୍ଷା ପାଇବାର ଅଧିକାର ରହିଛି । ଏଥି ସହିତ ଶିଶୁଶ୍ରମ ବା ଗୋତି ଶ୍ରମ କରାଉଥିବା ବ୍ୟକ୍ତିଙ୍କ ଠାରୁ ସୁରକ୍ଷା ପାଇବାର ଅଧିକାର ।

୧୫. କ୍ଷତିକାରକ ଯଥା ନିଶାଦ୍ରବ୍ୟ, ନିଶା କାରବାର କିମ୍ବା ଚାଲାଣ କରାଯାଉଥିବା କ୍ଷେତ୍ରରୁ ସୁରକ୍ଷା ପାଇବାର ଅଧିକାର ।





୧୯. ଆହତ ବା ଅବହେଳିତ ହେଲେ କିମ୍ବା ଖରାପ ବ୍ୟବହାର ପାଇଲେ ତାର ନୀରାକରଣ ପାଇଁ ସହାୟତା ଗ୍ରହଣ କରିବା ଅଧିକାର।

୨୦. ନ୍ୟାୟିକ ବ୍ୟବସ୍ଥାରେ ଆଇନ ସହାୟତା ଓ ଉଚିତ ନ୍ୟାୟ ପାଇବାର ଅଧିକାର।

୧୬. ଯୌନ ଉତ୍ପୀଡନ ଏବଂ ସମୟ ପୂର୍ବରୁ ବିବାହ କରାଇ ଦିଆଯିବା ସ୍ଥଳରେ ସୁରକ୍ଷା ପାଇବାର ଅଧିକାର। ଝିଅଙ୍କ କ୍ଷେତ୍ରରେ ୧୮ ବର୍ଷରୁ କମ୍ ଏବଂ ପୁଅଙ୍କ କ୍ଷେତ୍ରରେ ୨୧ ବର୍ଷରୁ କମ୍ ବୟସରେ ବିବାହ ଆଇନ୍ ବିରୁଦ୍ଧ।

୧୭. କୌଣସି ପ୍ରକାରର ଶୋଷଣ ଏବଂ ସ୍କୁଲ୍, ସଂସ୍ଥା ଓ ପରିବାର ଭିତରେ ଦୁର୍ବ୍ୟବହାରରୁ ସୁରକ୍ଷା ପାଇବା ଲାଗି ଅଧିକାର।

୧୮. ଯୁଦ୍ଧରୁ ମୁକ୍ତ ରହିବା ପାଇଁ ତୁମର ଅଧିକାର ରହିଛି। ଯୁଦ୍ଧ ବା ସଶସ୍ତ୍ର ସଂଗ୍ରାମରେ କୌଣସି ସେନା, ଗୋଷ୍ଠୀ ବା କ୍ୟାଡର୍‌ରେ ସାମିଲ ନ କରାଯିବାର ଅଧିକାର।





## ଶିଶୁ ଅଧିକାର ସୁରକ୍ଷା ପାଇଁ ଜାତୀୟ ଓ ରାଜ୍ୟ ଆୟୋଗ

ଏହି ସବୁ ଅଧିକାରଗୁଡ଼ିକ ସୁରକ୍ଷା ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିବାର ଅର୍ଥ ହେଲା ଯେ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ଏହାର ଦୀର୍ଘ ଦିନ ପାଇଁ କୁପ୍ରଭାବ ଶିଶୁର ମାନସିକ, ସାମାଜିକ ତଥା ଶାରୀରିକ ସ୍ତରରେ ପଡୁଛି। ଏକ ସୁସ୍ଥ ସମାଜ ଗଠନରେ ଏହା ବାଧା ସୃଷ୍ଟି କରୁଛି। ଏଣୁ ସ୍ୱତନ୍ତ୍ର ଭାବେ ଆଇନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ଏହି ଆୟୋଗଗୁଡ଼ିକର କର୍ତ୍ତବ୍ୟ ହେଲା ଶିଶୁ ସୁରକ୍ଷାକୁ ପ୍ରାଥମିକତା ଦେଇ ଶିଶୁ ଅଧିକାରର ସୁରକ୍ଷା ପାଇଁ ପଦକ୍ଷେପ ନେବା।





ଯଦି ଶିଶୁମାନେ ଏଭଳି ହିଂସା ଓ ଅପରାଧର ଶିକାର ହୁଅନ୍ତି ତେବେ ଏହା ସମଗ୍ର ସମାଜକୁ ପ୍ରଭାବିତ କରିବ। ତେଣୁ ଶିଶୁମାନଙ୍କ ପ୍ରତି ହେଉଥିବା ଯେ କୌଣସି ନିର୍ଯାତନାକୁ ରୋକିବାର ଅର୍ଥ ସମଗ୍ର ସମାଜର ସୁରକ୍ଷା। **ଶିଶୁ ଅଧିକାର ସୁରକ୍ଷା, ୨୦୦୫** ଅନୁଯାୟୀ କେନ୍ଦ୍ରରେ ଏବଂ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ତରରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଗଠନ କରାଯାଇଛି। ପ୍ରତ୍ୟେକ ଆୟୋଗରେ ଜଣେ ଅଧ୍ୟକ୍ଷ ଓ ୬ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଅଛି।





ସାରା ଦେଶରେ ଶିଶୁ ଅଧିକାର କାର୍ଯ୍ୟକ୍ରମଗୁଡିକର କାର୍ଯ୍ୟକାରୀତାର ତଦାରଖ, ଶିଶୁ ଅଧିକାର ଉଲ୍ଲଂଘନ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ଶିଶୁମାନଙ୍କୁ ସେବାରୁ ବଂଚିତ କରାଯାଉଥିବା ମାମଲା ନିଜଆଡୁ ଗ୍ରହଣ କରିବା, ତଦନ୍ତ କରିବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବା ଲାଗି ଆୟୋଗର କ୍ଷମତା ରହିଛି।



# ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର କାର୍ଯ୍ୟାବଳୀ :



- ଶିଶୁ ଅଧିକାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥାର ତର୍ଜମା କରିବେ ।
- ଶିଶୁ ଅଧିକାର ସୁରକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ ।
- ଶିଶୁ ଅଧିକାର ଉଲ୍ଲଂଘନର ତଦନ୍ତ କରିବେ ।
- ଆତଙ୍କବାଦ, ସାଂପ୍ରଦାୟିକ ହିଂସା, ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଘରୋଇ ହିଂସା, ଏଚ୍‌ଆଇଭି/ଏଡ୍‌ସ, ଚାଲାଣ, ଦୁର୍ବ୍ୟବହାର, ନିର୍ଯ୍ୟାତନା, ଶୋଷଣ, ନଗ୍ନତା, ଯୌନ ନିର୍ଯ୍ୟାତନା ଦ୍ୱାରା ପ୍ରଭାବିତ ଶିଶୁଙ୍କ ପାଇଁ ବିପଦର କାରଣ ସବୁ ତର୍ଜମା କରିବା ଏବଂ ଉପଶମ ପାଇଁ ଉପଯୁକ୍ତ ସୁପାରିଶ କରିବା ।



- ଶିଶୁ ଅଧିକାର ଆଇନର ଅନୁଧ୍ୟାନ ଓ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ।






- ଶିଶୁ ଅଧିକାର କ୍ଷେତ୍ରରେ ଗବେଷଣା କରିବା ।
- ବିଭିନ୍ନ ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି କରିବା ।
- ଶିଶୁ ରହୁଥିବା ଯେ କୌଣସି ଆବାସିକ ସେବା କେନ୍ଦ୍ରର ନୀରିକ୍ଷଣ କରିବା ।
- ଶିଶୁମାନଙ୍କ ପ୍ରତି ଘଟୁଥିବା ହିଂସାର ତଦନ୍ତ କିମ୍ବା ମାନବାଧିକାର ଉଲ୍ଲଂଘନ ରୋକିବାରେ ସରକାର କିମ୍ବା ଅନ୍ୟମାନଙ୍କର ବିଫଳତା ଅଭିଯୋଗର ତଦନ୍ତ କରିବା ।





- ରାଜ୍ୟ ସ୍ତରରେ ଗଠିତ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସରକାରଙ୍କୁ ଏକ ବାର୍ଷିକ ରିପୋର୍ଟ କିମ୍ବା କୌଣସି ପ୍ରସଙ୍ଗରେ ତୁରନ୍ତ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ରିପୋର୍ଟ ଦାଖଲ କରିବା ।

- ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ( ୧ ) ବାଧ୍ୟତାମୂଳକ ଏବଂ ମାଗଣା ଶିକ୍ଷା ଆଇନ୍, ( ୨ ) କୈଶୋର ନ୍ୟାୟ ଆଇନ୍ ଏବଂ (୩) ଶିଶୁ ଯୌନ ନିର୍ଯ୍ୟାତନା ନିରାକରଣ ଆଇନ୍‌ର ଉପଯୁକ୍ତ କାର୍ଯ୍ୟକାରୀତା ସମୀକ୍ଷା କରିବା ।



# ଯୌନ ଅପରାଧ ଜନିତ ଶିଶୁ ସୁରକ୍ଷା ଆଇନ, ୨୦୧୨

ଶିଶୁମାନଙ୍କୁ ସମସ୍ତ ପ୍ରକାରର ଯୌନ ଉତ୍ପୀଡନରୁ ସୁରକ୍ଷିତ ରଖାଯିବା ପାଇଁ ଏହି ଆଇନ୍‌ର ହୋଇଛି। ଏସବୁ ଭିତରେ ଅଛି ତୁମକୁ ଛୁଇଁବା, କୁଣ୍ଢାଇ ପକାଇବା, ତୁମକୁ ସେମାନଙ୍କର ଗୋପନୀୟ ଅଙ୍ଗ ଦେଖାଇବା ବା ଛୁଇଁବା ପାଇଁ ବାଧ୍ୟ କରିବା, ତୁମର ଫଟୋ ଉଠାଇବା କିମ୍ବା ତୁମକୁ ଅଶ୍ଳୀଳ ଛବି ଦେଖାଇବା। ଯେତେବେଳେ ତୁମ ସହିତ ଏପରି ଘଟେ, ତୁମେ ଭରସା କରୁଥିବା ଜଣେ ବୟସ୍କ ବ୍ୟକ୍ତି ସହ କଥା ହେବା ଜରୁରୀ ଏବଂ ସୁରକ୍ଷା ପାଇଁ ତାଙ୍କର ସହାୟତା ଲୋଡ଼ିବା ଉଚିତ। ଯଦି ତୁମକୁ ଦୁର୍ବ୍ୟବହାର କରିଥିବା କିମ୍ବା ଭୟଭୀତ କରିଥିବା କିମ୍ବା ଚୁପ୍ ରହିବାକୁ ଧମକାଇଥିବା ବ୍ୟକ୍ତି ତୁମର ପରିଚିତ ହୋଇଥାଏ, କିମ୍ବା ତୁମ ପରିବାରର ଜଣେ ସଦସ୍ୟ ହୋଇଥାଏ କିମ୍ବା ତୁମର ଜଣେ ବନ୍ଧୁ ହୋଇଥାଏ ତେବେ ତୁମେ ଯଦି ୧୮ ବର୍ଷରୁ କମ୍ ବୟସର ହୋଇଥାଅ, ତେବେ ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨ ଅନୁଯାୟୀ ଯୌନ ଆକ୍ରମଣ, ନିର୍ଯାତନା କିମ୍ବା ନଗ୍ନତା ଅଭିଯୋଗରେ ନ୍ୟାୟ ଲୋଡ଼ିବା ପାଇଁ ତୁମର ଅଧିକାର ରହିଛି। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଆଜୀବନ ଜେଲ୍ ଦଣ୍ଡ ମିଳିପାରେ।

**ତୁମ ଶରୀର ତୁମ ନିଜର। ତୁମକୁ ଖରାପ ଲାଗିବା ଭଳି କୌଣସି ପ୍ରକାର ବ୍ୟବହାର କେହି ଦେଖାଇ ପାରିବେ ନାହିଁ।**

**କୌଣସି ବ୍ୟକ୍ତି ତୁମକୁ ସ୍ପର୍ଶ କରିବା ଦ୍ୱାରା ତୁମକୁ ଯଦି ଖରାପ ଲାଗେ ତେବେ ତୁମେ ବିଶ୍ୱାସ କରୁଥିବା ଜଣେ ବୟସ୍କ ଲୋକଙ୍କୁ ଜଣାଅ।**

## ତୁମେ କାହାକୁ ଜଣାଇବ ?

ତୁମେ ତୁମ ପରିବାର, କୌଣସି ଭରସାଯୋଗ୍ୟ ବନ୍ଧୁ କିମ୍ବା ଶିକ୍ଷକଙ୍କୁ ଜଣାଇପାରିବ କିମ୍ବା ୧୦୯୮ ନମ୍ବରକୁ ଫୋନ୍ କରି ଜଣାଇ ପାରିବ। ସେମାନେ ତୁମକୁ ସାହାଯ୍ୟ କରିବେ ଏବଂ ସ୍ଥାନୀୟ ପୋଲିସ୍ କିମ୍ବା ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କୈଶୋର ପୋଲିସ୍ ଶାଖା(ଏସ୍‌ଜେପିୟୁ)କୁ ଜଣାଇବେ। ପୋଲିସ୍ ଅଧିକାରୀ ନିଶ୍ଚିତ ଏତଲା ପଞ୍ଜୀକରଣ କରିବେ ଏବଂ ଦରକାର ହେଲେ ତୁମର ଡାକ୍ତରୀ ପରୀକ୍ଷା ପାଇଁ ପଠାଇବେ। ତୁମର କଥା ଲେଖି ରଖିବେ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ତୁମ କଥା କହିବା ବନ୍ଦୋବସ୍ତ କରିବେ। ତୁମର ସୁରକ୍ଷା ଏବଂ ରହିବା ପାଇଁ ସ୍ଥାନ ଦରକାର ହେଲେ ପୋଲିସ୍ ତୁମକୁ ତୁରନ୍ତ ଶିଶୁ ମଙ୍ଗଳ ସମିତିକୁ ପଠାଇବ ଏବଂ ତୁମେ ଆବଶ୍ୟକ କରୁଥିବା ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ। ଚାଇଲ୍ଡ ଲାଇନ୍ ଶିଶୁମାନଙ୍କର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ୨୪ ଘଣ୍ଟିଆ ମାଗଣା ଟେଲିଫୋନ୍ ସେବା। ଯେଉଁ ସହରରେ / ଜିଲ୍ଲାରେ ଏ ବ୍ୟବସ୍ଥା ଅଛି ଫୋନ (ମୋବାଇଲ ଫୋନ୍) ମାଧ୍ୟମରେ ନିଜର ଅସୁବିଧା ଏହି ନମ୍ବରକୁ ଜଣାଅ। ଏହା ଯେକୌଣସି ସମୟରେ ଜଣାଯାଇ ପାରେ।

# ଆୟୋଗଙ୍କ ଭୂମିକା







ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨ ଅନୁଯାୟୀ, ଉତ୍ପୀଡନର ଶିକାର ହୋଇଥିବା ଶିଶୁମାନଙ୍କୁ ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ପରାମର୍ଶ ଏବଂ ସ୍କୁଲକୁ ଫେରିବା/ ପଢା ଚାଲୁ ରଖିବା ତଥା ସ୍ୱାଭାବିକ ଜୀବନଧାରାକୁ ଫେରିବା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ସହିତ ଅପରାଧୀ ଦଣ୍ଡିତ ହେବା ଜାତୀୟ ଆୟୋଗ ଏବଂ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କର ଦାୟିତ୍ୱ ।

## ଆୟୋଗର ଭୂମିକା :

ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨ ସଂପର୍କିତ ଘଟଣାର ତଦନ୍ତ ପରିଚାଳନା କରିବା । ସ୍ୱତନ୍ତ୍ର କୋର୍ଟର ଗଠନ, ସରକାରୀ ଓକିଲ ନିଯୁକ୍ତି, ପ୍ରାକ୍-ବିଚାର ଓ ବିଚାର ପ୍ରକ୍ରିୟା ସହିତ ଜଡିତ ସ୍ୱେଚ୍ଛାସେବୀ ସଂଗଠନ ତଥା ବିଶେଷଜ୍ଞ ଦ୍ୱାରା ବ୍ୟବହାର ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତି ଏବଂ ଜନସାଧାରଣ, ଶିଶୁ, ପିତାମାତା ଓ ଅଭିଭାବକଙ୍କ ସଚେତନତା ବୃଦ୍ଧି ପାଇଁ ଗଣମାଧ୍ୟମ ଦ୍ୱାରା ଆଇନ ସଂପର୍କିତ ସୂଚନା ପ୍ରଦାନର ତଦାରଖ କରିବେ ।

ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨ ଅନୁଯାୟୀ ଆୟୋଗଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ବିବରଣୀ ବାର୍ଷିକ ବିବରଣୀରେ ଦେବେ ଓ ସଂସଦକୁ ଜଣାଇବେ ।



# ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍ ୨୦୦୯

ତୁମର ଶାରୀରିକ ଓ ବୌଦ୍ଧିକ ସାମର୍ଥ୍ୟ ତଥା ବ୍ୟକ୍ତିତ୍ୱ ବିକାଶ ପାଇଁ ଏବଂ ନିଜକୁ ଓ ନିଜ ଆତ୍ମପରିଚୟକୁ ଜାଣିବା ପାଇଁ ବିଦ୍ୟାଳୟ ଶିକ୍ଷା ନିହାତି ଆବଶ୍ୟକ।

ଭାରତରେ ପ୍ରତ୍ୟେକ ଶିଶୁର ଏହା ମୌଳିକ ଅଧିକାର। ସମାଜର ବିକାଶରେ ଏହା ମୂଳଦୁଆ ପକାଇଥାଏ। ଭାରତୀୟ ସଂସଦ ୨୦୦୯ରେ ଶିକ୍ଷା ଅଧିକାର ଅଧିନିୟମ ପ୍ରଣୟନ କରିଛନ୍ତି ଏବଂ ଏହା ବଳରେ ୬ ରୁ ୧୪ ବର୍ଷ ବୟସ ମଧ୍ୟରେ ସବୁ ଶିଶୁମାନଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଅଧିକାର ରହିଛି। ଅର୍ଥାତ୍ ଭାରତର କୌଣସି ବି ୧୪ ବର୍ଷରୁ କମ୍ ବୟସର ଶିଶୁକୁ କାମ କରିବାକୁ ଦିଆଯିବ ନାହିଁ।

ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅର୍ଥ, ତୁମ ପରି ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ସରିବା ପର୍ଯ୍ୟନ୍ତ ସରକାର ମାଗଣାରେ ବିଦ୍ୟାଳୟରେ ପଢାଇବେ। ସେଠାରେ କୌଣସି ପ୍ରକାର ବିଦ୍ୟାଳୟ ଚାନ୍ଦା ବା ସ୍କୁଲ ଫି ରହିବ ନାହିଁ। ବିଦ୍ୟାଳୟ ଗଣପୋଷାକ (ୟୁନିଫର୍ମ), ପାଠ୍ୟପୁସ୍ତକ, ମଧ୍ୟାହ୍ନଭୋଜନ, ପରିବହନର ଖର୍ଚ୍ଚ ଲାଗିବ ନାହିଁ। ଅର୍ଥାତ ତୁମର ପ୍ରାଥମିକ ଶିକ୍ଷା ପାଇଁ ଏଭଳି କୌଣସି ବାବଦରେ ତୁମର ମାଆବାପା ବା ଅଭିଭାବକଙ୍କୁ ଅର୍ଥ ଦେବାକୁ ପଡିବ ନାହିଁ। ପ୍ରତ୍ୟେକ ବିଦ୍ୟାଳୟରେ ନିଶ୍ଚୟ ଗୋଟିଏ ବିଦ୍ୟାଳୟ ପରିଚାଳନା କମିଟି ରହିବ, ଯେଉଁଥିରେ ଶିକ୍ଷକ ଓ ମାଆବାପାମାନେ ଏବଂ ସ୍ଥାନୀୟ ପ୍ରଶାସନର ଅଧିକାରୀ ସଦସ୍ୟ ରହିବେ। ଏହା ସହ ସେଥିରେ ବିଦ୍ୟାଳୟର କିଛି ଶିଶୁ ମଧ୍ୟ ସାମିଲ ରହିବେ। କମିଟି ସୁନିଶ୍ଚିତ କରିବ ଯେ ବିଦ୍ୟାଳୟ ଚଳାଇବା ପାଇଁ ମିଳିଥିବା ସମସ୍ତ ସରକାରୀ ଧନ, ଶିକ୍ଷା ପାଇଁ ଖର୍ଚ୍ଚ ହୋଇଛି ଏବଂ ତୁମ ପରି ସବୁ ଶିଶୁଙ୍କ ମନଲାଖି ଏକ ଉପଯୁକ୍ତ ବିଦ୍ୟାଳୟ ପରିବେଶ ସୃଷ୍ଟି କରାଯାଇଛି। ସେହି ଧନରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ପାଇଖାନା ପରିସ୍ରାଗାର କରାଯାଇଥିବ। ଏହା ସହିତ ସ୍ୱାସ୍ଥ୍ୟସେବା, ପିଇବା ପାଣି ଇତ୍ୟାଦିର ସୁବିଧା ସମେତ ବିଦ୍ୟାଳୟ ପରିସରରେ ପରିଚ୍ଛନ୍ନ ରହିଥିବ।



ଶିକ୍ଷା ପାଇଁ ଉପଯୁକ୍ତ କୋଠାଘର, ବେଞ୍ଚ ଓ ଡେସ୍କ ସହିତ ସବୁ ଶିଶୁ ଖେଳି ପାରିବା ପାଇଁ ଖେଳପଡିଆ ଥିବ। ପ୍ରତ୍ୟେକ ୬୦ ଜଣ ବିଦ୍ୟାର୍ଥୀଙ୍କ ପାଇଁ ପ୍ରାଥମିକ ସ୍ତରରେ ଅନ୍ତତଃ ୨ ଜଣ ତାଲିମପ୍ରାପ୍ତ ଶିକ୍ଷକ ରହିବେ। ଶିକ୍ଷକମାନେ ନିଶ୍ଚିତ ରୂପେ ସକାଳେ ବିଦ୍ୟାଳୟର ଘଣ୍ଟି ବାଜିବା ପୂର୍ବରୁ ନିୟମିତ ଆସୁଥିବେ। ସେମାନେ ନିଶ୍ଚିତ ରୂପେ ବିଦ୍ୟାଳୟ ପାଠ୍ୟକ୍ରମ ସାରିବା ପାଇଁ ତୁମକୁ ପଢାଇବେ ଏବଂ ତୁମ ମାଆବାପା / ଅଭିଭାବକ ମାନଙ୍କୁ ନେଇ ନିୟମିତ ବୈଠକ କରୁଥିବେ।

## ଆୟୋଗଙ୍କ ଭୂମିକା




ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କର ଏହି ଅଧିନିୟମ ଅଧୀନରେ ଏକ ବଡ ଭୂମିକା ରହିଛି। ଆୟୋଗମାନେ ନିଶ୍ଚୟ ଦେଖିବେ ଯେ ଅଧିନିୟମ ଅଧୀନରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସେବା ଶିଶୁମାନଙ୍କୁ ମିଳୁଛି। ଶିଶୁମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ସଂକ୍ରାନ୍ତରେ ଆସୁଥିବା ଅଭିଯୋଗଗୁଡିକୁ ସେମାନେ ନିଶ୍ଚୟ ତଦନ୍ତ ଓ ଅନୁସନ୍ଧାନ କରିବେ। ଏଥିପାଇଁ ସିଭିଲ ଅଦାଲତର କ୍ଷମତା ଆୟୋଗର ରହିଛି।

କୌଣସି ବ୍ୟକ୍ତି ଏକ ଅଭିଯୋଗ ଦାଖଲ କରିବାକୁ ଚାହିଁଲେ ପ୍ରଥମେ ଏକ ଲିଖିତ ଅଭିଯୋଗ ସଂପୃକ୍ତ ଗ୍ରାମପଞ୍ଚାୟତ ବା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ପାଖରେ ଦାଖଲ କରିବେ। ଯଦି ସେଠାରୁ କୌଣସି ଫଳ ନ ପାଆନ୍ତି, ତେବେ ସେ ନିଜ ଅଭିଯୋଗ ନିଜ ରାଜ୍ୟରେ ଥିବା ଶିଶୁ ଅଧିକାର ଆୟୋଗଙ୍କ ଠାରେ ଅଥବା ଜାତୀୟ ଆୟୋଗଙ୍କ ଠାରେ ଦାଖଲ କରିବେ। ଯଦି ଏଭଳି ଅଭିଯୋଗ ନିଶ୍ଚିତ ରୂପେ ଶିକ୍ଷା ଅଧିକାର ସଂକ୍ରାନ୍ତ ହୋଇଥାଏ, ତେବେ ସେହି ଅଭିଯୋଗଗୁଡିକୁ ଆୟୋଗ ବା କେହି ବି ଚାହିଁଲେ ଅଦାଲତକୁ ମଧ୍ୟ ନେଇ ପାରିବେ।



ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ପିସିଆର୍) ୨୦୧୦ ନଭେମ୍ବର ୧ ତାରିଖରୁ କାର୍ଯ୍ୟ କରୁଅଛି। ଏହି ଆୟୋଗଙ୍କ କ୍ଷମତା ପରିସରରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। (୧) ଶିଶୁ ଅଧିକାର କାର୍ଯ୍ୟକ୍ରମ ଗୁଡ଼ିକର ତଦାରଖ କରିବା। (୨) ସାରା ରାଜ୍ୟରେ ଘଟୁଥିବା ଯେକୌଣସି ଶିଶୁ ଅଧିକାର ଉଲ୍ଲଂଘନ ସଂକ୍ରାନ୍ତ ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିବା। (୩) ବିଭିନ୍ନ ସେବା ସୁବିଧାରୁ ବଞ୍ଚିତ ହେଉଥିବା ଶିଶୁମାନଙ୍କ ସପକ୍ଷରେ ସ୍ୱତଃପ୍ରବୃତ ତଦନ୍ତ କରିବା। (୪) ସେଭଳି ମାମଲାର ସମାଧାନ ପାଇଁ ପ୍ରତିକାରମୂଳକ ପଦକ୍ଷେପ ସୁପାରିଶ କରିବା।

ଆପଣ ଯଦି ଏଭଳି କୌଣସି ଶିଶୁ ଅଧିକାରର ଉଲ୍ଲଂଘନ ହେବା ଦେଖୁଛନ୍ତି ତେବେ ଆପଣ ମଧ୍ୟ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ସହିତ ଯୋଗାଯୋଗ ବା ଅଭିଯୋଗ କରିପାରିବେ।

---

ସୂଚନା ପାଇବା ବା ଅଭିଯୋଗ ପଠାଇବାର ଠିକଣା
**ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**
କ୍ୱାଟର୍ ନଂ. ଏ-୧, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଫୋନ୍ : ୦୬୭୪-୨୩୯୪୦୪୧, ଇ-ମେଲ୍ : oscpcr2012@gmail.com

**ଦେୟମୁକ୍ତ ଦୂରଭାଷ – ୧୮୦୦୩୪୫୪୪୯୪**



**Child line**
**1098**

**School Helpline**
**1800-345-6722**

**(SCPD Helpline)**
**1800-345-7150**

**Police**
**100**